# କୋଣ୍ଡା ଭେନୁଗୋପାଳ ରାଜୁ

# ବନାମ

# ଆନ୍ଧ୍ର ପ୍ରଦେଶ ରାଜ୍ୟ

# ଜୁଲାଇ 8, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ର ପ୍ରଦେଶ ଭୂ-ସଂସ୍କାର (କୃଷି ଜୋତର ସର୍ବୋଚ୍ଚ ସୀମା) ଅଧିନିୟମ, 1972 ।*

*ଧାରା 9, 10 ଗୁଡ଼ିକ – ସର୍ବୋଚ୍ଚ ସୀମା କ୍ଷେତ୍ର – ମାତ୍ରାଧିକ୍ୟ ବୋଲି ଘୋଷିତ ହୋଇଥିବା ଜମି – ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇଥିବା ନ୍ୟାୟାଧିକରଣଙ୍କ ନିଷ୍ପତ୍ତି – ଜମି ଧାରକଙ୍କୁ ମାତ୍ରାଧିକ୍ୟ ଜମି ଆତ୍ମ ସମର୍ପଣ କରିବା ପାଇଁ ଫର୍ମ VI ରେ ବିଜ୍ଞପ୍ତି – ଆୟୁକ୍ତଙ୍କ ନିଯୁକ୍ତି ପାଇଁ ଭୂ-ସଂସ୍କାର ନ୍ୟାୟାଧିକରଣଙ୍କ ସମ୍ମୁଖରେ ଜମି ଧାରକଙ୍କ ଦ୍ୱାରା ଆବେଦନ ଯେ, କେତେକ ଜମି ଅଣ-କୃଷି ଏବଂ ତାଙ୍କ ଦଖଲରୁ ବାଦ ଦେବା ଆବଶ୍ୟକ – ଦର୍ଶାଯାଇଛି, ଥରେ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇଗଲେ ଏବଂ ଜମି ମାଲିକଙ୍କୁ ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା କ୍ଷେତ୍ରରୁ ଅଧିକ ଘୋଷଣା କରାଯିବା ପରେ, ଏହାର ସଠିକତା ଉପରେ ପୁନର୍ବାର ପ୍ରଶ୍ନ କରାଯାଇପାରିବ ନାହିଁ – ଘୋଷଣାକାରୀଙ୍କ ଦ୍ୱାରା ସ୍ଥାପିତ ନୂତନ ଆଳ କେବଳ ବଳକା ଜମି ଘୋଷଣା ଆଦେଶ ପୁନର୍ବାର ଖୋଲିବାର ଏକ ପ୍ରୟାସ ଏବଂ ନୂତନ ତଥ୍ୟ ଆଧାରରେ ପୁନଃନିର୍ଦ୍ଧାରିତ ହୋଇଥିବା କ୍ଷତିପୂରଣ ପ୍ରାପ୍ତ କରିବା ଅଟେ– ଏହି ଅଧିନିୟମ ଅନୁଯାୟୀ ଏହା ଅନୁମତିଯୋଗ୍ୟ ନୁହେଁ ।*

*ଶ୍ରୀମତୀ ଶ୍ରୀଲତା ଭୂପାଳ ବନାମ ଆନ୍ଧ୍ର ପ୍ରଦେଶ ସରକାର, AIR (1990) SC 294,* ପ୍ରୟୋଗଯୋଗ୍ୟ ନୁହେଁ ବୋଲି ଦର୍ଶାଯାଇଥିଲା ।

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 10821/1997 ।

ସି. ଆର୍. ପି. ସଂଖ୍ୟା 1917/1993ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 7.8.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବି. କାନ୍ତ ରାଓ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଆନ୍ଧ୍ର ପ୍ରଦେଶ ଉଚ୍ଚନ୍ୟାୟଳୟଙ୍କର ବିଜ୍ଞ ଏକକ ବିଚାରପତିଙ୍କ ସି.ଆର୍.ପି. ସଂଖ୍ୟା 1917/1993 ରେ ଅଗଷ୍ଟ 7, 1996 ରେ ନିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

**କୋଣ୍ଡା ଭେନୁଗୋପାଳ ରାଜୁ ବନାମ ରାଜ୍ୟ**

ସ୍ୱୀକୃତ ତଥ୍ୟଗୁଡ଼ିକ ହେଉଛି ଯେ, ଆବେଦନକାରୀ ତାଙ୍କ ଦଖଲରେ ଥିବା କେତେକ ଜମିଗୁଡ଼ିକ ସମ୍ବନ୍ଧରେ ଘୋଷଣା ଦାଖଲ କରିଥିଲେ ଏବଂ ତାଙ୍କ ଦଖଲରୁ ବାଦ ଦେବା ପାଇଁ ଅନୁରୋଧ କରିଥିଲେ । ପ୍ରାଥମିକ ନ୍ୟାୟାଧିକରଣ ଜାଣିବାକୁ ପାଇଲେ ଯେ, ଆବେଦନକାରୀଙ୍କ ପରିବାର ଅଧିସୂଚିତ ତାରିଖରେ  ସର୍ବୋଚ୍ଚ ସୀମା କ୍ଷେତ୍ରଠାରୁ ମାତ୍ରାଧିକ୍ୟ 0.1358 ମାନକ ଜମିର ଦଖଲ କରିଥିଲେ । ସି.ଆର୍.ପି. ସଂଖ୍ୟା 1917/1993ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହାକୁ ସୁନିଶ୍ଚିତ କରାଯାଇଥିଲା । ଫଳସ୍ୱରୂପ, ଉକ୍ତ ମାତ୍ରାଧିକ୍ୟ ଜମି ସମର୍ପଣ କରିବାକୁ ଏବଂ ଆନ୍ଧ୍ରପ୍ରଦେଶ ଭୂ-ସଂସ୍କାର (କୃଷି ଜମିର ଧାରଣ ସୀମା) ଅଧିନିୟମ, 1972 ର ଧାରା 10 ଅନୁଯାୟୀ (ସଂକ୍ଷିପ୍ତରେ 'ଅଧିନିୟମ') ଆବେଦନକାରୀଙ୍କୁ ଫର୍ମ VI ରେ ବିଜ୍ଞପ୍ତି ଜାରି କରାଯାଇଥିଲା । ଆବେଦନକାରୀ ଭୂ-ସଂସ୍କାର ନ୍ୟାୟାଧିକରଣ, ଏଲୁରୁଙ୍କ ସମ୍ମୁଖରେ ଏକ ଆଇ.ଏ. ଦାଖଲ କରି ଜଣେ ଆୟୁକ୍ତ ନିଯୁକ୍ତି ପାଇଁ ଅନୁରୋଧ କରି କହିଛନ୍ତି ଯେ, 5 ଏକର 66 ସେଣ୍ଟ ଜମି ଅଣ-କୃଷି ଜମି ଏବଂ ସେଥିପାଇଁ ଏହାକୁ ତାଙ୍କ ଦଖଲରୁ ବାଦ ଦେବା ଆବଶ୍ୟକ । ମାର୍ଚ୍ଚ 24,1990 ର ଆଦେଶ ଦ୍ୱାରା, ଏହା ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, କିନ୍ତୁ, ଆଇ.ଏ. ସଂଖ୍ୟା 5/90 ରେ ଭୂ-ସଂସ୍କାର ନ୍ୟାୟାଧିକରଣଙ୍କ ସମ୍ମୁଖରେ ପୁନରୀକ୍ଷଣରେ, ନ୍ୟାୟାଧିକରଣ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଅଧିବକ୍ତା-ଆୟୁକ୍ତଙ୍କ ନିଯୁକ୍ତିର ନିର୍ଦ୍ଦେଶ ଦେଇଥିଲେ । ଆୟୁକ୍ତ 17 ଜୁଲାଇ, 1990 ରେ ଏହା ଦର୍ଶାଇ ତାଙ୍କ ବିବୃତି ଦାଖଲ କରିଥିଲେ ଯେ, ଉପରୋକ୍ତ ଜମିଗୁଡ଼ିକୁ ଦଖଲରୁ ବାଦ ଦେବା ଆବଶ୍ୟକ । ସେ ଜାଣିବାକୁ ପାଇଲେ ଯେ, ଏହା ଦୁଇଟି ନଡ଼ା-ଗଦା ଏବଂ ଏକ ପ୍ରବାହିତ ପ୍ରଣାଳୀ (ଭାଗୁ) ଇତ୍ୟାଦିକୁ ନେଇ ଗଠିତ । ନ୍ୟାୟାଧିକରଣ ଏହାକୁ ବିଚାର କରିଥିଲେ ଏବଂ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ । ପୁନରୀକ୍ଷଣ ଉପରେ, ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଏହାକୁ ବଜାୟ ରଖିଛନ୍ତି । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଏହା ଏକ ସ୍ୱୀକୃତ ସ୍ଥିତି ଯେ, ଆବେଦନକାରୀ ତାଙ୍କ ଘୋଷଣାନାମାରେ ସର୍ବେକ୍ଷଣ ସଂଖ୍ୟା 73 ରେ ତିନି ଏକରକୁ ବାଦ ଦେଇ ଦାବି କରିଛନ୍ତି ଯେ, ଉକ୍ତ ଜମିରେ ଗୋରୁଶାଳ, ନଡ଼ା-ଗଦା ଇତ୍ୟାଦି ବିଦ୍ୟମାନ ଅଟେ । ନିଯୁକ୍ତ ଅଧିବକ୍ତା-ଆୟୁକ୍ତ ଜମିଗୁଡ଼ିକ ଯାଞ୍ଚ କରିଥିଲେ ଏବଂ ସର୍ବେକ୍ଷଣ ସଂଖ୍ୟା 97 କିମ୍ବା 73 ରେ ଏପରି କୌଣସି ନଡ଼ା-ଗଦା ପାଇ ନଥିଲେ; ତଥାପି, ସେ ସର୍ବେକ୍ଷଣ ସଂଖ୍ୟା 98 ରେ ଏକ ନଡ଼ା-ଗଦା, ଗୋରୁଶାଳ ଏବଂ ଦୁଇଟି ଆଖୁ ସ୍ତୂପ ପାଇଥିଲେ । ତଦନୁସାରେ ଉକ୍ତ ସର୍ବେକ୍ଷଣ ସଂଖ୍ୟାକୁ ପରିବାରର ଦଖଲରୁ ବାଦ ଦିଆଯାଇଥିଲା । ଏହି ତଥ୍ୟ ସ୍ପଷ୍ଟ ଭାବେ ସୂଚିତ କରିବ ଯେ, ଯେଉଁ ସମୟରେ ଆବେଦନକାରୀଙ୍କ ଦ୍ୱାରା ଅଧିସୂଚିତ ତାରିଖ ଅନୁଯାୟୀ ଘୋଷଣା ଦାଖଲ କରାଯାଇଥିଲା, ସେହି ସମୟରେ ଆୟୁକ୍ତଙ୍କ ଦ୍ୱାରା ମିଳିଥିବା ପୋଲାସାଭାପଲ୍ଲୀ ଗ୍ରାମରେ 5 ଏକର, 66 ସେଣ୍ଟ ପରିସୀମା ପର୍ଯ୍ୟନ୍ତ ବର୍ତ୍ତମାନର ସର୍ବେକ୍ଷଣ ସଂଖ୍ୟା 65/1 ରେ ନଡ଼ା-ଗଦା ଇତ୍ୟାଦି ନ ଥିଲା । ଯେହେତୁ ସେଗୁଡ଼ିକ ବିଦ୍ୟମାନ ଥିଲା, ଏହା ସ୍ପଷ୍ଟ ହେବ ଯେ, ଘୋଷଣା ଚୂଡ଼ାନ୍ତ ହେବା ପରେ ଏବଂ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଦେୱାନୀ ପୁନରୀକ୍ଷଣ ଆବେଦନ ଖାରଜ ହେବା ଦ୍ୱାରା ସୁନିଶ୍ଚିତ ହେବା ପରେ, ଆବେଦନକାରୀ ନଡ଼ା-ଗଦା ଇତ୍ୟାଦି ସ୍ଥାପନ କରିଥିଲେ ଏବଂ ସେଗୁଡ଼ିକୁ ବାଦ ଦେବାକୁ ଚାହୁଁଥିଲେ ।

ତେଣୁ ପ୍ରଶ୍ନ ହେଉଛି; ଏପରି ବହିଷ୍କାର ଆଇନ ଅନୁମୋଦିତ ହୋଇପାରିବ କି ? ଆବେଦନକାରୀ *ଶ୍ରୀମତୀ ଶ୍ରୀଲତା ଭୂପାଳ ବନାମ ଆନ୍ଧ୍ର ପ୍ରଦେଶ ସରକାର, AIR 1990 SC294* ରେ ଏହି ନ୍ୟାୟାଳୟଙ୍କର ରାୟ ଉପରେ ନିର୍ଭର କରିଥିଲେ । ଏଥିରେ ପ୍ରଶ୍ନ ଉଠୁଥିଲା ଯେ, ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଜମି ମାଲିକଙ୍କ ଦ୍ୱାରା କେବେ ସମର୍ପଣ କରାଯାଇଛି ବୋଲି ବିବେଚନା କରାଯିବ ? ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯଦି କ୍ଷତିପୂରଣ ପ୍ରଦାନ ପୂର୍ବରୁ ଆଉ କିଛି କରିବାକୁ ଥିବା

ଏକ ସର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ, ତେବେ ଅଧିକାର ନ୍ୟସ୍ତ କରାଯାଇପାରିବ ନାହିଁ । କ୍ଷତିପୂରଣ ପ୍ରଦାନ କରାଯିବା ଦିନଠାରୁ ଏହି ଜମି ଅଧିକୃତ ବୋଲି କୁହାଯାଏ । ସେପର୍ଯ୍ୟନ୍ତ ଅଧିକାର ନ୍ୟସ୍ତ ସମ୍ପୂର୍ଣ୍ଣ ହୋଇନାହିଁ । ଏହା ନିମ୍ନମତେ ଦର୍ଶା ଯାଇଥିଲା:

> "ଏହା ସ୍ପଷ୍ଟ ଯେ, ଧାରା 7 ର ଉପ-ଖଣ୍ଡ 3 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବା ସତ୍ତ୍ୱେ ଏବଂ କ୍ଷତିପୂରଣ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଧାରା 8 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଶେଷ ନହେବା ପର୍ଯ୍ୟନ୍ତ ଜମି ଧାରକ ଯିଏ ଜମି ବାହାରେ ସୁବିଧାଗୁଡ଼ିକ ଉପଭୋଗ କରୁଛନ୍ତି ତାଙ୍କ ପାଖରେ ଜମି ରହିଥାଏ ।"

ଶ୍ରୀଲତା ଭୂପାଲ ମାମଲାରେ ଉପରୋକ୍ତ ଅନୁପାତ ବର୍ତ୍ତମାନର ମାମଲାର ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ । ଥରେ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇଗଲେ ଏବଂ ଜମିର ମାଲିକ ଜମିର ନିର୍ଦ୍ଧାରିତ ସୀମାଠାରୁ ମାତ୍ରାଧିକ୍ୟରେ ଥିବାର ଘୋଷଣା ହୋଇଗଲେ, ଏହାର ସଠିକତା ଉପରେ ଆଉ ପ୍ରଶ୍ନ ଉଠାଯାଇପାରିବ ନାହିଁ । ସମର୍ପଣ କରିବା କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ବଳକା ଜମିର ନିଷ୍ପାଦନ ପ୍ରକୃତିର ଅଟେ । ଘୋଷଣାକାରୀ ଏକ ନୂତନ ଆଳ ସ୍ଥାପନ କରିପାରିବେ ନାହିଁ କିମ୍ବା ନୂତନ ଭାବରେ ନିବେଦନ କରିପାରିବେ ନାହିଁ ଯେ, ଘୋଷଣାକାରୀଙ୍କ ଜମି କୃଷି ଜମି ନୁହେଁ ଏବଂ ସେଥିପାଇଁ, ତାଙ୍କ ଦଖଲରୁ ବାଦ ଦେବା ଆବଶ୍ୟକ । ଏହାର କାରଣ ସ୍ପଷ୍ଟ ଯେ, ଧାରା 9 ଅନୁଯାୟୀ, ବଳକା ଜମି ନିର୍ଦ୍ଧାରଣ ଆଦେଶ ଚୂଡ଼ାନ୍ତ ହେବା ପରେ, ନିର୍ଦ୍ଧାରିତ ସର୍ବୋଚ୍ଚ ସୀମାଠାରୁ ଅଧିକ ଜମି ଧାରଣ କରିଥିବା ବ୍ୟକ୍ତି ଅଧିନିୟମର ଧାରା 10ର ନିର୍ଦ୍ଦେଶ ଅନୁଯାୟୀ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ଅତିରିକ୍ତ ଜମିକୁ ସମର୍ପିତ କରିବାକୁ ଉତ୍ତରଦାୟୀ ଅଟନ୍ତି । ସେହି ପର୍ଯ୍ୟାୟରେ, ଲେଖନ କିମ୍ବା ଗାଣିତିକ ତ୍ରୁଟି ସଂଶୋଧନ ବ୍ୟତୀତ ଧାରା 9 ଅନୁଯାୟୀ ପାରିତ ଆଦେଶ ପୁନର୍ବାର ଖୋଲିବା ପାଇଁ ଏହି ଅଧିନିୟମ ଅନୁଯାୟୀ ଆଉ କୌଣସି ବ୍ୟବସ୍ଥା ନାହିଁ । ଘୋଷଣାକାରୀଙ୍କ ଦ୍ୱାରା ସ୍ଥାପିତ ଏହି ନୂତନ ଆଳକୁ ଏକ ଲେଖନ କିମ୍ବା ଗାଣିତିକ ତ୍ରୁଟି ଭାବରେ ବର୍ଣ୍ଣିତ କରାଯାଇପାରିବ ନାହିଁ, କିନ୍ତୁ ଏହା କେବଳ ବଳକା ଜମିର ଘୋଷଣା କ୍ରମକୁ ପୁନର୍ବାର ଖୋଲିବା ଏବଂ ନୂତନ ତଥ୍ୟ ଆଧାରରେ କ୍ଷତିପୂରଣ ପୁନଃନିର୍ଦ୍ଧାରଣ ଆଦେଶର ଏକ ପ୍ରୟାସ ଅଟେ । ଏହି ଅଧିନିୟମ ଅନୁଯାୟୀ ଏହା ଅନୁମତିଯୋଗ୍ୟ ନୁହେଁ । ତେଣୁ, ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପକୁ ସମର୍ଥନ କରି କୌଣସି ତ୍ରୁଟି କରିନାହାନ୍ତି ।

ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନଟି ଖାରଜ ହୋଇଛି ।

ଆର୍. ପି. ଆବେଦନ ଖାରଜ ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ